ସମାଜ
ତାରିଖ: ୨୭.୦୫.୨୦୧୩

# ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟରେ 'ମାରାଜିମ୍-୨୦୧୩'

ଭୁବନେଶ୍ୱର : ମଞ୍ଚେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଏଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡ଼ିଜ୍(ବି.ଆଇ.ଆଇ.ଟି.ଏମ୍) ପରିସରରେ ଶେଷ ବର୍ଷର ଛାତ୍ର ଓ ଛାତ୍ରୀମାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ମାରାଜିମ୍ -୨୦୧୩ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଦିଲ୍ଲୀପ ମହାନ୍ତି ଆଦିତ୍ୟ ବିର୍ଲ୍ଲା ଗ୍ରୁପ (ଏଚ୍.ଆର) ଶେଷ ବର୍ଷ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସାମ୍ମାନନୀୟ ଅତିଥିଭାବେ ଡିନ୍ (ଟ୍ରେନିଙ୍ଗ୍) ଏ.ଏ.ଖାନ୍ ପିଲାମାନଙ୍କ ନିଜ ଭିତରେ ଥିବା ବିଶ୍ୱାସ ଏବଂ ଅନ୍ତର୍ନିହିତ ଶକ୍ତିର ବିକାଶ ବିଷୟରେ କହିଥିଲେ ।

ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ଦାସ ଏବଂ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ବୃନ୍ଦ ଉପସ୍ଥିତ ଥିଲେ । ପ୍ରଫେସର ଦାସ ଛାତ୍ରଛାତ୍ରୀମାନଙ୍କୁ କିପରି ସମାଜରେ ନିଜକୁ ଦକ୍ଷତାର ସହିତ ପ୍ରତିଷ୍ଠିତ କରିପାରିବେ ସେ ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ଏହି ଉତ୍ସବରେ ସମସ୍ତ ବି.ବି.ଏ ଏବଂ ବି.ସି.ଏ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଶେଷପର୍ଯ୍ୟାୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଶେଷ ବର୍ଷର କୃତୀ ଛାତ୍ର, ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।